ସରକାରଙ୍କ ଆୟୁକ୍ତ/ସଚିବ, ସ୍ୱାସ୍ଥ୍ୟ ଏବଂ ଡାକ୍ତରୀ ଶିକ୍ଷା ପରିଚାଳନା ବିଭାଗ, ସରକାରୀ ସଚିବାଳୟ, ଜମ୍ମୁ

ବନାମ

ଡ. ଅଶୋକ କୁମାର କୋହଲି

31, ଅକ୍ଟୋବର 1995

[କେ. ରାମାସ୍ୱାମୀ ଏବଂ ବି. ଏନ୍. କିରପାଲ, ନ୍ୟାୟମୂର୍ତ୍ତିଦ୍ୱୟ]

*ପ୍ରଚଳିତ ଅଭ୍ୟାସ ଏବଂ କାର୍ଯ୍ୟଧାରା:*

*ଉଚ୍ଚ ନ୍ୟାୟାଳୟ ନିକଟରେ ଆଜ୍ଞାଦେଶ ଆବେଦନ-ମଧ୍ୟବର୍ତ୍ତୀକାଳୀନ ନିର୍ଦ୍ଦେଶ-ନିର୍ଣ୍ଣିତ ଯେ, ଉଚ୍ଚ ନ୍ୟାୟାଳୟ ମଧ୍ୟବର୍ତ୍ତୀକାଳୀନ ଉପଶମ ପାରିତ କରିବାରେ ନ୍ୟାୟସଙ୍ଗତ ନଥିଲେ ଯାହା ମୁଖ୍ୟ ଉପଶମ ପରିମାଣ ଠାରୁ ଅଧିକ ଥିଲା ।*

**ଉତ୍ତରଦାତାଙ୍କୁ ରାଜ୍ୟ ଲୋକସେବା ଆୟୋଗ ଦ୍ୱାରା ଚୟନ କରାଯାଇଥିଲା ଏବଂ ତାଙ୍କୁ ଚୟନ ତାଲିକାରେ କ୍ରମିକ ସଂଖ୍ୟା 4 ରେ ରଖାଯାଇଥିଲା । ତାଙ୍କୁ ନିଯୁକ୍ତ କରାଯାଇନଥିବାରୁ ସେ ଉଚ୍ଚ ନ୍ୟାୟାଳୟରେ ଏକ ଆଜ୍ଞାଦେଶ ଆବେଦନ ଦାଖଲ କରିଥିଲେ । ରାଜ୍ୟ ସରକାର ଏହି ଦାବିକୁ ବିରୋଧ କରି ଯୁକ୍ତି ଦର୍ଶାଇଥିଲେ ଯେ ଚୟନ ତାଲିକା ଏକ ବର୍ଷର ଅବଧି ସହିତ ସମାପ୍ତ ହୋଇଛି । ଉତ୍ତରଦାତାଙ୍କ ଦ୍ୱାରା ଏହାକୁ ଅସ୍ୱୀକାର କରାଯାଇଥିଲା । ଉଚ୍ଚ ନ୍ୟାୟାଳୟ କେତେକ ମଧ୍ୟବର୍ତ୍ତୀକାଳୀନ ଆଦେଶ ପାରିତ କରିଥିଲେ ଏବଂ ପରେ ଏକ ଆଦେଶ ପାରିତ କରି ଆବେଦନକାରୀଙ୍କୁ ନ୍ୟାୟାଳୟରେ ଉପସ୍ଥିତ ରହିବାକୁ ଏବଂ କାହିଁକି ଏବଂ କେଉଁ କାରଣରୁ ନ୍ୟାୟାଳୟଙ୍କ ଆଦେଶର ପାଳନ କରାଯାଇ ନାହିଁ ତାହା ବ୍ୟାଖ୍ୟା କରିବାକୁ ନିର୍ଦ୍ଦେଶ ଦେଇଥିଲେ । ବ୍ୟଥିତ ହୋଇ ରାଜ୍ୟ ବିଶେଷ ଅନୁମତି ଜରିଆରେ ଏହି ଆବେଦନ ଦାଖଲ କରିଥିଲେ ।**

**ଆବେଦନଟିର ସମାଧାନ କରି, ଏହି ନ୍ୟାୟାଳୟ**

**ନିର୍ଣ୍ଣିତ ଯେ, ନ୍ୟାୟାଳୟଙ୍କ ଦ୍ୱାରା ମଧ୍ୟବର୍ତ୍ତୀକାଳୀନ ନିର୍ଦ୍ଦେଶଗୁଡ଼ିକୁ କାର୍ଯ୍ୟକାରୀ କରିବା ପାଇଁ ସରକାରଙ୍କୁ ଆହ୍ୱାନ କରିବା ଯଥାର୍ଥ ନଥିଲା । ଏହା ମୁଖ୍ୟ ଉପସମରେ ମିଳୁଥିବା ଉପଶମ**

**ଠାରୁ ଅଧିକ ହେବ, ଯାହା ଶେଷରେ ଆଜ୍ଞାଦେଶ ଆବେଦନରେ ପାରିତ ହୋଇପାରେ କିମ୍ବା ହୋଇନପାରେ । ଉକ୍ତ ନିର୍ଦ୍ଦେଶଗୁଡ଼ିକ ବାତିଲ କରାଯାଇଛି ।**

ଦେୱାନୀ ଆବେଦନ ଅଧିକାରିତା :ଦେୱାନୀ ଆବେଦନ ସଂଖ୍ୟା 10403/1995 ।

ସି. ଓ. ଏ. (ଏସ୍. ଡବ୍ଲ୍ୟୁ. ପି.)ସଂଖ୍ୟା 236/1995 ରେ ଜାମ୍ମୁ ଓ କାଶ୍ମୀର ଉଚ୍ଚ ନ୍ୟାୟାଳୟଙ୍କର 29.5.95 ତାରିଖର ରାୟ ଏବଂ ଆଦେଶରୁ ।

ଆବେଦନକାରୀଙ୍କ ପାଇଁ ଅଶୋକ ମାଥୁର ।

ଉତ୍ତରଦାତାଙ୍କ ପାଇଁ ଅନୁ ମୋହଲା, ଯତୀଶ ମୋହନ ଏବଂ ରଣଜିତ କୁମାର ।

ନ୍ୟାୟାଳଙ୍କର ନିମ୍ନଲିଖିତ ଆଦେଶ ପ୍ରଦାନ କରାଯାଇଥିଲା :

ଅନୁମତି ପ୍ରଦାନ କରାଗଲା ।

ଆମେ ଉଭୟ ପକ୍ଷର ଅଧିବକ୍ତାଙ୍କୁ ଶୁଣିଛୁ । ମେ 29,1995 ତାରିଖର ଆଦେଶ ଖଣ୍ଡ (i) ସହିତ ଆମେ ଏହି ଆବେଦନରେ ଚିନ୍ତିତ, ଯଥା, "ଆୟୁକ୍ତ-ତଥା-ସରକାରଙ୍କ ସ୍ୱାସ୍ଥ୍ୟ ଏବଂ ଚିକିତ୍ସା ଶିକ୍ଷା ବିଭାଗର ସଚିବ, ଜାମ୍ମୁ ପରବର୍ତ୍ତୀ ତାରିଖରେ ନ୍ୟାୟାଳୟରେ ହାଜର ହେବେ ଏବଂ ନ୍ୟାୟଳୟଙ୍କୁ ଜଣାଇବେ ଯେ କାହିଁକି ଏବଂ କେଉଁ କାରଣରୁ ନ୍ୟାୟଳୟଙ୍କ ଆଦେଶର ପାଳନ କରାଯାଇ ନାହିଁ । "ଆଦେଶର ଖଣ୍ଡ (2) ସମ୍ବନ୍ଧରେ, ଆମେ ହସ୍ତକ୍ଷେପ କରୁନାହୁଁ ।

ଏହା ପ୍ରତୀୟମାନ ଯେ ଜାମ୍ମୁ-କାଶ୍ମୀର ଲୋକସେବା ଆୟୋଗ ଦ୍ୱାରା ମନୋନୀତ ପ୍ରାର୍ଥୀମାନଙ୍କ ମଧ୍ୟରୁ ଡକ୍ଟର ଅଶୋକ କୁମାର କୋହଲି ଜଣେ ଥିଲେ ଏବଂ ଚୟନ ତାଲିକାରେ 4 କ୍ରମିକ ସ୍ଥାନରେ ରହିଥିଲେ । ତାଙ୍କୁ ଜାମ୍ମୁ ଓ କାଶ୍ମୀରର ଚକ୍ଷୁ ବିଭାଗରେ ଅଧ୍ୟାପକ ପଦବୀରେ ନିଯୁକ୍ତ କରାଯାଇ ନଥିଲା । ସେ ଆଜ୍ଞାଦେଶ ଆବେଦନ ସଂଖ୍ୟା 458/94ରେ ପରମାଦେଶ ଯାଚନା କରିଥିଲେ । ଆଜ୍ଞାଦେଶ ଆବେଦନ ବିଚାରଧିନ ଥିବାରୁ,  ନ୍ୟାୟାଳୟଙ୍କ ଦ୍ୱାରା କେତେକ ନିର୍ଦ୍ଦେଶ ଜାରି କରାଯାଇଥିବା ପରି ମନେହୁଏ ଏବଂ ଏହାର ଅନୁପାଳନ କରାନଯିବାରୁ ଉପରୋକ୍ତ ଆଦେଶ ପାରିତ ହୋଇଥିଲା । ଲୋକ ସେବା ଆୟୋଗଙ୍କ ଦ୍ୱାରା କରାଯାଇଥିବା ଚୟନ ଅନୁଯାୟୀ ଏହି ପଦବୀରେ ନିଯୁକ୍ତ ହେବାର ତାଙ୍କର ଅଧିକାର ବିଷୟରେ ଡାକ୍ତର ଅଶୋକ କୁମାର କୋହଲି ଏହି ଆଭିମୁଖ୍ୟ ଗ୍ରହଣ କରିଛନ୍ତି ଯେ ଚୟନ ତାଲିକା ସମାପ୍ତ ହୋଇନଥିଲା, ଯେତେବେଳେ କି ସରକାରଙ୍କ ଆଭିମୁଖ୍ୟ ହେଉଛି ଯେ ଏହି ତାଲିକା ଏକ ବର୍ଷର ଅବଧି ସହିତ ସମାପ୍ତ ହୋଇଛି ।

ଯେହେତୁ ଆଜ୍ଞାଦେଶ ଆବେଦନ ବିଚାରାଧୀନ ଅଛି, ଆମେ ଯୋଗ୍ୟତା ଉପରେ କୌଣସି ମତ ପ୍ରକାଶ କରୁନାହୁଁ । ଏହା କହିବା ଯଥେଷ୍ଟ ଯେ ଯେହେତୁ ବିବାଦର ନିଷ୍ପତ୍ତି ଏପର୍ଯ୍ୟନ୍ତ ହୋଇନାହିଁ, ସମ୍ଭବତଃ ଉଚ୍ଚ ନ୍ୟାୟାଳୟ ମଧ୍ୟବର୍ତ୍ତୀକାଳୀନ ନିର୍ଦ୍ଦେଶ କାର୍ଯ୍ୟକାରୀ କରିବାକୁ ସରକାରଙ୍କୁ ଆହ୍ୱାନ କରିବା ଯଥାର୍ଥ ନୁହେଁ । ଅନ୍ୟ ଶବ୍ଦରେ କହିବାକୁ ଗଲେ, ଏହା ମୁଖ୍ୟ ଉପସମକୁ ଅତିକ୍ରମ କରିବା ଭଳି ହେବ, ଯାହା ଶେଷରେ ଆଜ୍ଞାଦେଶ ଆବେଦନରେ ପାରିତ ହୋଇପାରେ କିମ୍ବା ହୋଇନପାରେ । ଉପରୋକ୍ତ ନିର୍ଦ୍ଦେଶକୁ ବାତିଲ କରିଆଯାଇଛି ଏବଂ ନିଷ୍ପତ୍ତି ହେବା ପର୍ଯ୍ୟନ୍ତ କୌଣସି ଭେଷଜ ମହାବିଦ୍ୟାଳୟରେ ଚକ୍ଷୁ ବିଭାଗରେ ଅଧ୍ୟାପକ ପଦବୀରେ କୌଣସି ନିଯୁକ୍ତି ନକରିବା ପାଇଁ ପ୍ରଦାନ କରାଯାଇଥିବା ଦ୍ୱିତୀୟ ନିର୍ଦ୍ଦେଶକୁ ନିଶ୍ଚିତ କରାଯାଇଛି । ଏହି ଆଦେଶ ପ୍ରାପ୍ତ ହେବାର ଛଅ ସପ୍ତାହ ମଧ୍ୟରେ ଯେତେ ଶୀଘ୍ର ସମ୍ଭବ ଆଜ୍ଞାଦେଶ ଆବେଦନ ସମାଧାନ କରିବାକୁ ଉଚ୍ଚ ନ୍ୟାୟାଳୟଙ୍କୁ ଅନୁରୋଧ କରାଯାଇଛି । ତଦନୁସାରେ ଆବେଦନଟିର ସମାଧାନ କରାଯାଇଅଛି । କୌଣସି ଖର୍ଚ୍ଚ ରହିବ ନାହିଁ ।

ଅର.ପି ଆବେଦନର ସମାଧାନ କରାଗଲା ।

**ଅସ୍ୱୀକରଣ**

"ଉପଭାଷାରେ ଅନୁବାଦିତ ରାୟ କେବଳ ମକଦ୍ଦମାରେ ପକ୍ଷଭୁକ୍ତ ବ୍ୟକ୍ତିଙ୍କର ସୀମିତ ବ୍ୟବହାର ଏବଂ ତାଙ୍କ ଆଞ୍ଚଳିକ ଭାଷାରେ ବୋଧଗମ୍ୟ ହେବା ନିମନ୍ତେ ଉଦ୍ଦିଷ୍ଟ ଏବଂ ଅନ୍ୟ କୌଣସି ଉଦ୍ଦେଶ୍ୟ ନିମନ୍ତେ ଏହା ବ୍ୟବହାର କରାଯାଇନପାରେ । ସମସ୍ତ ବ୍ୟାବହାରିକ ଏବଂ ସରକାରୀ ଉଦ୍ଦେଶ୍ୟ ନିମନ୍ତେ ରାୟର ଇଂରାଜୀ ସଂସ୍କରଣଟି ପ୍ରାମାଣିକ ବିବେଚିତ ହେବ ଏବଂ ସମସ୍ତ କାର୍ଯ୍ୟାନ୍ୱୟନ ଏବଂ ନିଷ୍ପାଦନ ନିମନ୍ତେ ଏହା ଉପଯୁକ୍ତ ବିବେଚିତ ହେବ ।"

ଭାଷାନ୍ତର :
ମଦନ ମୋହନ ଭୂୟାଁ
ଅନୁବାଦକ
ଓଡ଼ିଶା ଉଚ୍ଚ ନ୍ୟାୟାଳୟ, କଟକ ।